## ସଂକ୍ଷେପରେ

### ୧୫୩ ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ



ରୂପସା, ୩୦।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ସଦାନନ୍ଦପୁର ଗାଁରେ ପୋଲିସ ଚଢ଼ାଉ କରି ୧୫୩ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ବ୍ରାଉନସୁଗାର ବେପାରୀ ଶେଖ ଅଜରୁଦ୍ଦିନଙ୍କୁ ଗିରଫ କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ବସ୍ତା ଥାନା ଆଇଆଇସି ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲା। ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ଏହି ବେପାରରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ତଦନ୍ତ ଚଳାଇଥିଲା। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୮୧/୨୧) ରୁଜୁ କରାଯାଇ ଗୁରୁବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ଅଭିଯୁକ୍ତ ଜଣକ ଜଣେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଥିଲେ। ବର୍ଷେ ପୂର୍ବରୁ ବସ୍ତା ଅଞ୍ଚଳରେ କିଛି ନିଶା ବେପାରୀ ସହ ମିଶି ବ୍ରାଉନସୁଗାର କାରବାର ଆରମ୍ଭ କରିଥିବା ପୋଲିସ ପ୍ରାରମ୍ଭିକ ତଦନ୍ତରୁ ଜାଣିପାରିଛି।

### ପୋଲିସ ଜାଲରେ ବାଇକ ଚୋରି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ

ସଜନାଗଡ଼, ୩୦।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ବାରମ୍ବାର ବାଇକ୍ ଚୋରି ନୀଳଗିରି ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ଥିଲା। ଉକ୍ତ ର୍ୟାକେଟ୍‌କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଥିବା ବେଳେ ଗୁରୁବାର ର୍ୟାକେଟର ମାଷ୍ଟରମାଇଣ୍ଡକୁ ଅଟକ ରଖିଛି। ତାଙ୍କଠାରୁ ଏକ ଚୋରା ବାଇକ୍ ଜବତ ହୋଇଛି। ୨୮ତାରିଖ ରାତିରେ ଗୋବର୍ଦ୍ଧନପୁର ଗ୍ରାମର ଅଶୋକ ନାୟକଙ୍କ ଘରୁ ୨ଟି ବାଇକ୍ ଚୋରି ହୋଇଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ନୀଳଗିରି ଥାନା ଭାରପ୍ରାପ୍ତ ଆଇଆଇସି ବାସୁଦେବ ଜୟସିଂ ଖନ୍ତାପଡ଼ା ଥାନା ନଇଛଣପୁର ଗ୍ରାମର ଲିଟୁ ମଲ୍ଲିକ (୧୯)ଙ୍କୁ ଅଟକ ରଖିବା ସହ ତାଙ୍କଠାରୁ ଏକ ଚୋରି ବାଇକ୍ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ଲିଟୁ ମଲ୍ଲିକଙ୍କ ସମେତ ପଶ୍ଚିମବଙ୍ଗର ଶିବୁ ଖାଁ ନଇଛଣପୁରରେ ଘରଭଡ଼ା ନେଇ ରହୁଥିଲେ। ତାଙ୍କ ସହିତ ବାରିପଦା ଅଞ୍ଚଳର ସଲିମ ୩ଜଣ ମିଶି ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରୁଥିବା ପୋଲିସ ପ୍ରାଥମିକ ଭାବେ ଜାଣିପାରିଛି। ତେବେ ଏହି ଚୋରି ଗ୍ୟାଙ୍ଗ ପାଖାପାଖି ୨୫ରୁ ୩୦ଟି ବାଇକ୍ ଚୋରି କରିଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ଅନ୍ୟ ୨ଜଣ ଅଭିଯୁକ୍ତଙ୍କ ସମେତ ଚୋରା ବାଇକ୍‌ଗୁଡ଼ିକୁ ଠାବ କରାଯିବ ବୋଲି ବାସୁଦେବ ଜୟସିଂ ସୂଚନା ଦେଇଛନ୍ତି।

# ଆର୍ଥିକ ବିକାଶରେ କତାଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ: କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ

ବାଲେଶ୍ୱର ଅଫିସ, ୩୦।୯

ଗ୍ରାମାଞ୍ଚଳର ଆର୍ଥିକ ବିକାଶରେ କତାଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ରହିଛି। ଅଣସଙ୍ଗଠିତ ଆଞ୍ଚଳିକ କ୍ଷେତ୍ରରେ କତାଶିଳ୍ପର ବ୍ୟାପକ ଅଭିବୃଦ୍ଧି ଓ ଉଲ୍ଲେଖଯୋଗ୍ୟ ବିକାଶ ପାଇଁ କେନ୍ଦ୍ର ସରକାର ସର୍ବଦା ଚେଷ୍ଟିତ। ଏଥିପାଇଁ ଭାରତ ସରକାରଙ୍କ କୟର୍ ଇଣ୍ଡଷ୍ଟ୍ରି ଆକ୍ଟ, ୧୯୫୩ ଅନୁଯାୟୀ କୟର୍ ବୋର୍ଡ଼ ଗଠନ କରାଯାଇଛି। ଏହି ଅଧିନିୟମ ଅନୁଯାୟୀ ବୋର୍ଡ଼ର କାର୍ଯ୍ୟଗୁଡ଼ିକ ବୈଜ୍ଞାନିକ, ବୈଷୟିକ ଏବଂ ଅର୍ଥନୈତିକ ଅନୁସନ୍ଧାନ, ଆଧୁନିକୀକରଣ, ଗୁଣାତ୍ମକ ଉନ୍ନତି, ମାନବ ସମ୍ବଳ ବିକାଶ, ବଜାର ପ୍ରୋତ୍ସାହନ ଏବଂ ଏହି ଶିଳ୍ପରେ ନିୟୋଜିତ ସମସ୍ତଙ୍କ କଲ୍ୟାଣ ଆଦି ଦିଗକୁ ପରିବ୍ୟାପ୍ତ। ଦେଶରେ ୨୯ଟି ମାର୍କେଟିଂ ଆଉଟଲେଟ୍ ସହିତ ୪୮ଟି ପ୍ରତିଷ୍ଠାନ ସଞ୍ଚାଳିତ ହେଉଛି ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାନୁପ୍ରତାପ ସିଂ ବର୍ମା କହିଛନ୍ତି। ଗୁରୁବାର ବାଲେଶ୍ୱରରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବର୍ମା ପହଞ୍ଚି ବାମପଦାସ୍ଥିତ ନୋସି ବିଜିନେସ୍ ପାର୍କରେ କୟର୍ ବୋର୍ଡ଼ର ଆଞ୍ଚଳିକ କାର୍ଯ୍ୟାଳୟକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ।

୨୦୦୪ରୁ ଭୁବନେଶ୍ୱରରେ କୟର ବୋର୍ଡ଼ର ଆଞ୍ଚଳିକ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ବିଭିନ୍ନ ଯୋଜନାରେ ଉପଯୁକ୍ତ ପ୍ରଶିକ୍ଷଣ ପରିବ୍ୟାପ୍ତ କରି ଉତ୍ପାଦର ମାର୍କେଟିଂକୁ ସମର୍ଥନ ସହ କାରିଗରମାନଙ୍କ କଲ୍ୟାଣର ଦାୟିତ୍ୱ ନେଇ ରାଜ୍ୟରେ କତାଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇ ଆସୁଥିବା କୟର ବୋର୍ଡ଼ ଚେୟାରମ୍ୟାନ୍ ଡି. କପୁରାମ୍ ସୂଚନା ଦେଇଥିଲେ। ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ସ୍ଫୁର୍ତ୍ତି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ବାଲେଶ୍ୱର ଜିଲା ଭୋଗରାଇରେ କୟର୍ କ୍ଲଷ୍ଟରକୁ ମଞ୍ଜୁରୀ ମିଳିଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ କୟର୍ କାରିଗର, ଅଣୁ ଉଦ୍ୟୋଗ, କଞ୍ଚାମାଲ୍ ଯୋଗାଣକାରୀ, ବ୍ୟବସାୟୀ ଏବଂ ସେହି ଅଞ୍ଚଳରେ ସେବା ପ୍ରଦାନକାରୀ ଉପକୃତ ହେବେ ବୋଲି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଏମ୍‌ଏସ୍‌ଏମ୍‌ଇ ସଚିବ ବିବି ସ୍ୱାଇଁ, ଆଇଏଏମ୍ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ସଚିବ ଏମ୍‌ଡି ସିଦ୍ଦିକ ଆଲାମ୍, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, କୟର ବୋର୍ଡ଼ ସଚିବ ଏମ୍ କୁମାର ରାଜା, ମାର୍କେଟିଂ ନିର୍ଦ୍ଦେଶକ ଏମ୍. କ୍ରୀଷ୍ଣା ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାନୁପ୍ରତାପ ସିଂ ବର୍ମା, ଏମ୍‌ପି ପ୍ରତାପ ଷଡଙ୍ଗୀ, ବିଧାୟକ ସୁକାନ୍ତ ନାୟକ ଓ ଅନ୍ୟମାନେ।

### କୟର୍ ବୋର୍ଡ଼ର ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ

## ହଷ୍ଟେଲ ପାଇଁ ଅର୍ଥ ଯୋଗାଡ ହୋଇପାରିଲାନି ଜୀବନ ହାରିଲେ ଛାତ୍ରୀ

ଖଇରା, ୩୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳର ଜଣେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ହଷ୍ଟେଲରେ ରହି ପାଠ ପଢ଼ିବାକୁ ଚାହୁଁଥିଲେ ମଧ୍ୟ ଆବଶ୍ୟକ ଅର୍ଥ ଯୋଗାଡ ହୋଇ ନ ପାରିବାରୁ ସେ ବିଷପିଇ ଜୀବନ ହାରିଛନ୍ତି। ତାଙ୍କୁ ପ୍ରଥମେ ଗୁରୁତର ଅବସ୍ଥାରେ ଆଗରପଡା ଏବଂ ପରେ କଟକର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ସେ ଆଖି ବୁଜିଥିଲେ। ସେ ଖଇରା ମହାବିଦ୍ୟାଳୟରେ ପାଠ ପଢୁଥିଲେ। ଗୁରୁବାର ଖଇରା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରମୋଦ ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଏକ ଶୋକସଭା ଅନୁଷ୍ଠିତ ହେବା ସହ କଲେଜକୁ ବନ୍ଦ କରାଯାଇଥିଲା।

# ବର୍ଷା ବିପ୍ଳାତ: ବୁଡ଼ିଲା ଗାଁ, ଭାଙ୍ଗିଲା ଘର



ଜଳଘେରରେ ଥିବା ଏକ ନଳକୂପରୁ ପାଣି ନେଉଛନ୍ତି।



ବର୍ଷାରେ ଭୁଶୁଡି ପଡିଥିବା ଏକ କଚ୍ଚାଘର।

ଭୋଗରାଇ, ୩୦।୯(ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଲଘୁଚାପ ସକ୍ରିୟ ହୋଇ ଉପକୂଳବର୍ତ୍ତୀ ଗାଙ୍ଗେୟ ସମତଳ ଅଞ୍ଚଳରେ ମଙ୍ଗଳବାର ଓ ବୁଧବାର ପ୍ରବଳ ବର୍ଷା ହେବା ପରେ ଉତ୍ତରପଶ୍ଚିମ ଦିଗକୁ ଅପସରିଯାଇଛି। ଗୁରୁବାର ପାଗରେ ଉନ୍ନତି ହୋଇଥିଲେ ମଧ୍ୟ ଆକାଶ ମେଘାଚ୍ଛନ୍ନ ରହିଛି। ଗତ ଦୁଇଦିନ ଅବିଶ୍ରାନ୍ତ ବର୍ଷାରେ ଉତ୍ତରବାଲେଶ୍ୱର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକରେ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଘନ ଘନ ବର୍ଷା ଓ ବନ୍ୟା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତଳି ଅଞ୍ଚଳ ଗାଁଗୁଡ଼ିକ ଅଦ୍ୟାବଧି ପାଣିଘେରରେ ରହିଛି। ଭୋଗରାଇ-ବାଲିଆପାଳ ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଉତ୍ତର ଭୋଗରାଇ ବନ୍ୟାଞ୍ଚଳର ବହୁଗାଁ ଜଳବନ୍ଦୀ ରହିଥିବା ବେଳେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଗମନାଗମନ ବିଚ୍ଛିନ୍ନ ହୋଇଛି। ଡଙ୍ଗା ଏକମାତ୍ର ଭରସା ହୋଇଥିବା ବେଳେ ବହୁ ଗାଁ ରାସ୍ତା ଉପରେ ୩ରୁ ୫ ଫୁଟ୍ ଉଚ୍ଚରେ ବର୍ଷାପାଣି ଲହଡି ଖେଳୁଛି।

ଭୋଗରାଇର ୫୦ ପଞ୍ଚାୟତର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ବାଲିଆପାଳର ୫ ପଞ୍ଚାୟତର ୨୦ଟି ଗାଁ ଓ ଜଳେଶ୍ୱରର ୮ ପଞ୍ଚାୟତର ୨୫ଟି ଗାଁ ସହ ବସ୍ତା ବ୍ଲକର ବହୁ ଗାଁ ଜଳାର୍ଣ୍ଣବ ହୋଇଛି। ସୁବର୍ଣ୍ଣରେଖା ଓ ଜଳକା ନଦୀରେ କ୍ରମାଗତ ବନ୍ୟା ଓ ଲଘୁଚାପଜନିତ ଲଗାଣ ବର୍ଷାରେ ଉତ୍ତରବାଲେଶ୍ୱର ଉବୁଟୁବୁ ହୋଇଥିବା ବେଳେ ବହୁ ମାଟି କାନ୍ଥଘର ଭୁଶୁଡ଼ି ଧରାଶାୟୀ ହୋଇଛି। ବିପନ୍ନଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ପଲିଥିନ୍ ନ ଥିବାରୁ ରୋଷେଇ ଏକପ୍ରକାର ବନ୍ଦ ହୋଇ ଭୋକ ଉପାସରେ ଭାଗ୍ୟକୁ ଆଦରି ଦିନ କାଟିବାକୁ ପଡୁଛି। ତଳି ଅଞ୍ଚଳରେ ଧାନଚାଷରେ ପାଣି ପଶି ନଷ୍ଟ ହୋଇଥିବା ବେଳେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଅନବରତ ବର୍ଷା ଓ ବନ୍ୟାରେ ଦୂଷିତ ଜଳପାନ କରି ବହୁ ଲୋକ ସଂକ୍ରମଣ ରୋଗରେ ଆକ୍ରାନ୍ତ ହେଉଛନ୍ତି।

## ପୋଖରୀ ନିଲାମ ଅର୍ଥ ହେରଫେର

ଜଳେଶ୍ୱର, ୩୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଗୋବରଘଟା ପଞ୍ଚାୟତରେ ଥିବା ନୂଆପୋଖରୀ ଓ ନାହାଳିଆ ପୋଖରୀ (୨୦୧୮ରୁ ୨୦୨୧) ୩ବର୍ଷ ଲାଗି ନିଲାମ ଆହ୍ୱାନ କରାଯାଇଥିଲା। ତା୧୮।୫।୨୦୧୮ରିଖରେ ଯୋଗ୍ୟ ହିତାଧିକାରୀ ତପନ ଦଲେଇ ନୂଆ ପୋଖରୀକୁ ୩୧ହଜାର ଟଙ୍କାରେ ଏବଂ ତପନ କୁମାର ଘୋଷ ନାହାଳିଆ ପୋଖରୀକୁ ୩୬ହଜାର ଟଙ୍କାରେ ନିଲାମ ନେଇ ପଞ୍ଚାୟତ ସମିତି ରସିଦ୍ ନଂ. ୯୮ ଓ ୮୪ ଭିଏଲ୍‌ଡବ୍ଲ୍ୟୁଙ୍କୁ ଅର୍ଥ ପୈଠ କରିଥିଲେ। ମାତ୍ର ୩ ବର୍ଷପରେ ଏହି ୨ଟି ପୋଖରୀ ନିଲାମ ବାବଦ ଅର୍ଥ ସରକାରଙ୍କ ରାଜକୋଷକୁ ୩୩,୯୦୦ଟଙ୍କା ଯାଇଥିବା ସୂଚନା ଅଧିକାର ଆଇନବଳରେ ହସ୍ତଗତ ହୋଇଛି। ବଳକା ଅର୍ଥ ହଡପ ହୋଇଥିବା ପଞ୍ଚାୟତ ସମିତି ସଦସ୍ୟା ମିନତୀ କର ଅଭିଯୋଗ କରିବା ସହିତ କାର୍ଯ୍ୟାନୁଷ୍ଠାନ ଲାଗି ଜିଲାପାଳ, ବିଧାୟକ ଓ ସମିତି ଅଧ୍ୟକ୍ଷାଙ୍କ ନିକଟରେ ଦାବି କରିଛନ୍ତି।

## ଓଡ଼ିଶୀ ଗ୍ରାଜୁଏଶନରେ ସାନ୍ତ୍ୱନା ଟପ୍ପର

ରୂପସା, ୩୦।୯(ଡି.ଏନ.ଏ.)



ବାଲେଶ୍ୱର ଜିଲା ଅଧୀନ ସିଂଲା ଗ୍ରାମର ଛାତ୍ରୀ ସାନ୍ତ୍ୱନା ମିଶ୍ର ୨୦୨୧ ଓଡ଼ିଶୀ ଗ୍ରାଜୁଏଶନ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇ ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ସେ କଟକସ୍ଥିତ ଶ୍ରୀ ଶ୍ରୀ ୟୁନିଭରସିଟିରେ ଓଡ଼ିଶୀ ନୃତ୍ୟ ବିଭାଗରେ ଗ୍ରାଜୁଏଶନ କରୁଥିଲେ। ଗୁରୁବାର ଭର୍ଚୁଆଲ ମୋଡ୍‌ରେ ୟୁନିଭରସିଟି ମୁଖ୍ୟ ପରମପୂଜ୍ୟ ଶ୍ରୀ ଶ୍ରୀ ରବିଶଙ୍କରଜୀ କୃତୀ ଛାତ୍ରୀଙ୍କୁ ଗୋଲଡ଼ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଏନେଇ ବାଲେଶ୍ୱରରେ ଆୟୋଜିତ ଏକ ଉତ୍ସବରେ ବାଲେଶ୍ୱର ଆର୍ଟ ଅଫ ଲିଭିଂର ଗୁରୁଜୀ ପ୍ରକାଶ ମହାନ୍ତି, ଗୁରୁମା ଅଞ୍ଜୁ ଖଣ୍ଡେଲ୍‌ୱାଲ୍ ସାନ୍ତ୍ୱନାଙ୍କୁ ଏହି ଗୋଲଡ଼ ମେଡାଲ ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ସାନ୍ତ୍ୱନାଙ୍କ ବାପା ତଥା ଖବରଦାତା ବ୍ରଜମୋହନ ମିଶ୍ର ଉପସ୍ଥିତ ଥିଲେ। ସାନ୍ତ୍ୱନା ସିଂଲା ଗ୍ରାମ ନିବାସୀ ବ୍ରଜମୋହନ ଏବଂ ମମତା ମିଶ୍ରଙ୍କର ଦ୍ୱିତୀୟ କନ୍ୟା। ପିଲାଟି ଦିନରୁ ଝିଅର ନୃତ୍ୟ ପ୍ରତି ଆଗ୍ରହ ଥିବା ଦେଖି ମା', ବାପା ଏଥିପ୍ରତି ମନ ବଳାଇଥିଲେ। ତାଙ୍କର ଏହି ସଫଳତା ପାଇଁ ସେ ମା', ବାପା ଓ ଗୁରୁମା, ଗୁରୁଜୀଙ୍କୁ ଶ୍ରେୟ ଦେଇଛନ୍ତି। ଓଡ଼ିଶାର ସଂସ୍କୃତି ଓଡ଼ିଶୀ ନୃତ୍ୟକୁ ସମଗ୍ର ଦେଶରେ ବିକଶିତ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ସାନ୍ତ୍ୱନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଜଙ୍ଗଲରେ ପଡ଼ିଛି ଭାଲୁ ମୃତଦେହ

ସଜନାଗଡ଼, ୩୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବନବିଭାଗ ଅଧୀନ ଧୋବଶିଳା ବିଟ୍ ହାଉସ ଅନ୍ତର୍ଗତ କଣ୍ଟାବଣିଆ ଗାଁକୁ ଲାଗିଥିବା ଜଙ୍ଗଲରେ ଏକ ଅଣ୍ଡିରା ଭାଲୁର ମୃତଦେହ ପଡ଼ିଥିବା ଦେଖି ଗାଁ ଲୋକେ ନୀଳଗିରି ରେଞ୍ଜରଙ୍କୁ ଖବର ଦେଇଥିଲେ। ରେଞ୍ଜର ମନୱାର ଖାଁଙ୍କ ନିର୍ଦ୍ଦେଶରେ ଧୋବଶିଳା ବିଟ୍‌ହାଉସ ଫରେଷ୍ଟର ଦେବରାଜ ରାଉତଙ୍କ ସମେତ ଗାର୍ଡ଼ ଓ ସବୁଜବାହିନୀ ପହଞ୍ଚି ମୃତ ଭାଲୁକୁ ଉଦ୍ଧାର କରିଥିଲେ। ମୃତ ଭାଲୁର ବୟସ ୧୨ ବର୍ଷ ହେବ। ଅଯୋଧ୍ୟା ପ୍ରାଣୀ ଚିକିତ୍ସକଙ୍କୁ ଡକାଇ ମୃତଦେହ ବ୍ୟବଚ୍ଛେଦ ପରେ ସଜନାଗଡ଼ ନର୍ସରୀରେ ପୋତି ଦିଆଯାଇଥିବା ଜଣାପଡ଼ିଛି। ରିପୋର୍ଟ ଆସିଲା ପରେ ଭାଲୁର ମୃତ୍ୟୁର ଅସଲ କାରଣ ଜଣାପଡ଼ିବ ବୋଲି ରେଞ୍ଜ ଅଫିସର ମନୱାର ଖାଁ କହିଛନ୍ତି। ଏ ବାବଦରେ ବନ ବିଭାଗ ପକ୍ଷରୁ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୦୨୧-୨୨) ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଅଡ଼ା ବଜାରରୁ ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ

ଖଇରା, ୩୦।୯(ଡି.ଏନ.ଏ.)



ବାଲେଶ୍ୱର ଜିଲା ଖଇରା ତହସିଲ ସିମୁଳିଆ ଥାନା ମାଣିତ୍ରୀ ପଞ୍ଚାୟତ ଅଧୀନ ଅଡା ବଜାରରେ ରାସ୍ତା କିସମ ଜମିରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ଦିଆଯାଇଛି। ଅଲାରପୁର ମୌଜାର ଖାତା ନମ୍ବର ୮୬ ପ୍ଲଟ ନମ୍ବର ୩୬ର ରାସ୍ତା କିସମ ଜମିରେ ସରକାରୀ ସ୍ତରରେ ୭ଟି ଦୋକାନ ଘର ଥିବା ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ଏହା ବିରୋଧରେ ମାଣିତ୍ରୀର ପୂର୍ବତନ ସରପଞ୍ଚ ମହେଶ୍ୱର ରାଉତ ଓ ଲକ୍ଷ୍ମୀଧର ବିଶ୍ୱାଳ ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ଅଦାଲତରେ ୩ଟି ମାମଲା(ଡବ୍ଲ୍ୟୁ(ପି)ସି ୨୨୮୮୬/୧୯, ୬୭୬୬/୨୦, ୪୦୯୫/୨୧ ଏବଂ ୨ଟି ଅଦାଲତ ଅବମାନନା(୭୯୨/୨୧, ୫୭୩୦/୨୧) ମାମଲା ରୁଜୁ ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ତୁରନ୍ତ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ସିମୁଳିଆ ତହସିଲଦାର ରବୀନ୍ଦ୍ର ନାଥ ସାହୁ, ଖଇରା ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା, ଅତିରିକ୍ତ ତହସିଲଦାର ସନ୍ଦିପ ଶୁଭଦର୍ଶିନୀ ଧଳ, ସାନଜୟୀପୁର ରାଜସ୍ୱ ନିରୀକ୍ଷକ ରବିନାରାୟଣ ସିଂଙ୍କ ସମେତ ସିମୁଳିଆ ପୋଲିସର ଉପସ୍ଥିତରେ ଉକ୍ତ ବେଆଇନ ନିର୍ମାଣ ଉଚ୍ଛେଦ କରାଯାଇଥିଲା।

## ଜଳେଶ୍ୱରରେ ଏନ୍‌ଡିଆର୍‌ଏଫ୍ ଟିମ୍

ଜଳେଶ୍ୱର, ୩୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳରେ ଲଘୁଚାପଜନିତ ପ୍ରବଳ ବର୍ଷା ହେବା ନେଇ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି କ୍ଷୟକ୍ଷତିକୁ ନଜରରେ ରଖି ଏନ୍‌ଡିଆର୍‌ଏଫ୍ କମାଣ୍ଡର ରାଜୀବ କୁମାର ଓ ଆସିଷ୍ଟାଣ୍ଟ କମାଣ୍ଡର ବିନୋଦ ମଣ୍ଡଳଙ୍କ ନେତୃତ୍ୱରେ ଏକ ୨୩ଜଣିଆ ଟିମ୍ ଜଳେଶ୍ୱରରେ ପହଞ୍ଚିଛନ୍ତି। ସେମାନେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟରେ ରହିଥିବା ସୂଚନା ମିଳିଛି।

## ପୋଷାକ ବଣ୍ଟନରେ ଅନିୟମିତତା ନେଇ ଧାରଣା

ସୋର, ୩୦।୯(ଡି.ଏନ୍.ଏ.)

ସୋରରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କୁ ପୋଷାକ ବଣ୍ଟନରେ ଅନିୟମିତତା ଅଭିଯୋଗରେ ଗୁରୁବାର ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ବର୍ଷକୁ ଦୁଇ ହଳ ପୋଷାକ ପ୍ରଦାନ କରାଯାଉଛି। ପୋଷାକ ପ୍ରସ୍ତୁତି କରୁଥିବା ଏସ୍‌ଏଚ୍‌ଜିକୁ ଏହି ବିତରଣ ଦାୟିତ୍ୱ ଦିଆଯିବାକୁ ସରକାରୀ ନିୟମ ଥିବା ବେଳେ ବାହାରୁ ନିମ୍ନମାନର ପୋଷାକ ଆଣି ଏସଏଚଜି ଯୋଗାଇ ଦେଉଥିବାରୁ ଏହାକୁ ବିରୋଧ କରାଯାଇଛି। ସୋର ବ୍ଲକରେ ସବୁ ନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ନିଷ୍ପତ୍ତି ପୁନର୍ବିଚାର ନ ହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି କର୍ମୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ସିଡିପିଓ ସୁକାନ୍ତୀ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ପୋଷାକ ବିତରଣ ଦାୟିତ୍ୱ ସେହି ଗୋଷ୍ଠୀଙ୍କୁ ଦିଆଯାଇଛି। ସଂଘ ସଭାନେତ୍ରୀ ରାଧାରାଣୀ ପଣ୍ଡା, ସମ୍ପାଦିକା ଅରତୀ ଦାସମହାପାତ୍ର, ପୂର୍ଣ୍ଣିମା ସି, ଜୟନ୍ତୀ ପତି, ହେମାମାଳିନୀ ମିଶ୍ର ଓ ପ୍ରମିଳା କରା ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର, ୩୦।୯(ଡି.ଏନ୍.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଥିବା ଖୁଲୁଡା ଶୀତଳା ଉଚ୍ଚ ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ଅମର କୁମାର ମହାନ୍ତିଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜିତ୍ ମହାନ୍ତି ପୌରୋହିତ୍ୟ କରି ମହାନ୍ତିଙ୍କ ୩୭ ବର୍ଷର ନିରନ୍ତର ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ସଞ୍ଜୟ କୁମାର ପାକଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଜନୀ ହାଁସଦା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଫଲାଇନ୍ ପରୀକ୍ଷା ପ୍ରତିବାଦରେ ଛାତ୍ର ଆନ୍ଦୋଳନ

## ମୁଖ୍ୟ ଫାଟକରେ ତାଲା ପକାଇଲେ



ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

ବାଲିଆପାଳ, ୩୦।୯(ସ୍ୱ.ପ୍ର)

ଯୁକ୍ତ ୩ ସେମିଷ୍ଟର ଅଫ୍‌ଲାଇନରେ ହେବା ନେଇ ବିଭିନ୍ନ କଲେଜ ପକ୍ଷରୁ ନୋଟିସ୍ ବାହାରିବା ପରେ ଛାତ୍ରୀଛାତ୍ରମାନେ ଏହାର ପ୍ରତିବାଦ କରିଛନ୍ତି। ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟର +୩ ଅନଲାଇନରେ ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନଲାଇନ ପରୀକ୍ଷା ଲାଗି ଚେଷ୍ଟା କରାଯିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସରୋଜ କୁମାର ଗିରି କରିଥିଲେ। ଏହାପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ।

କୋଭିଡ ଗାଇଡଲାଇନ ଅନୁସାରେ ଦୀର୍ଘଦିନ ଧରି ମହାବିଦ୍ୟାଳୟରେ ଅନଲାଇନରେ +୩ ପିଲାଙ୍କର ପାଠପଢ଼ା ହେଉଥିଲା। ସ୍ଥିତିରେ ସୁଧାର ଆସିବାରୁ ବର୍ତ୍ତମାନ ଅଫଲାଇନରେ ପାଠପଢ଼ା ହେଉଛି। ପିଲାମାନେ ବହୁଦିନ ଧରି ଅନଲାଇନରେ କ୍ଲାସ କରୁଥିବାରୁ ଅନଲାଇନରେ ସେମିଷ୍ଟାର ପରୀକ୍ଷା କରିବା ପାଇଁ ଗୁରୁବାର ଅପରାହ୍ନରେ ମହାବିଦ୍ୟାଳୟ ଗେଟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଉତ୍ତେଜନା ବଢ଼ିବାରୁ ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ ପାତ୍ର ଏବଂ ବାଲିଆପାଳ ଥାନା ଆଇଆଇସି ପର୍ଶୁରାମ ସାହୁ ସଦଳବଳେ କଲେଜରେ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିଥିଲେ।

## କଲେଜ ଆଗରେ ହୋହଲ୍ଲା

ରସାଲପୁର, ୩୦।୯(ଡି.ଏନ.ଏ.)

ଅନ୍‌ଲାଇନ ପରୀକ୍ଷା ଦାବିରେ ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଖାନନଗର ପଞ୍ଚାୟତରେ ଥିବା ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀଛାତ୍ର ହୋହଲ୍ଲା କରିବା ସହ ମୁଖ୍ୟଗେଟ୍‌ରେ ତାଲା ପକାଇ ନାରାବାଜି ଦେଇଥିଲେ। ସେମାନେ ଅଫଲାଇନ୍ ପରୀକ୍ଷା ବାତିଲ୍ ପାଇଁ କଲେଜ ଅଧ୍ୟକ୍ଷାଙ୍କ ନିକଟରେ ଦାବି କରିଥିଲେ। ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ ସେମାନେ ଅନଲାଇନ୍‌ରେ ପାଠ ପଢ଼ିଛନ୍ତି। ଅଫଲାଇନ୍‌ରେ ପରୀକ୍ଷା ପାଇଁ କଲେଜ ପକ୍ଷରୁ ନୋଟିସ୍ ବାହାରିଥିବାରୁ ଏହାକୁ ବିରୋଧ କରାଯିବା ସହ ଅନଲାଇନ୍‌ରେ ପରୀକ୍ଷା କରିବାକୁ କଲେଜ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଥିଲେ। ପରେ କଲେଜ ଜଣେ ଅଧ୍ୟାପିକା ଏ ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଶାନ୍ତ ପଡ଼ିଥିଲେ।

## ଅନଶନରେ ବସିଲେ ଛାତ୍ରୀଛାତ୍ର

ଖଇରା, ୩୦।୯(ଡି.ଏନ.ଏ.)

+୩ ସେମିଷ୍ଟର ଅନଲାଇନରେ ଦାବିରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗର୍ସଙ୍ଗସ୍ଥିତ ଜମ୍ବେଶ୍ୱର ମହାବିଦ୍ୟାଳୟର ଛାତ୍ରୀଛାତ୍ର ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନଶନରେ ବସିଥିଲେ। ପରେ ଅଧ୍ୟକ୍ଷ ରତ୍ନାକର ହାତୀ ଅନ୍‌ଲାଇନ ପରୀକ୍ଷା ପାଇଁ ସମ୍ମତି ପ୍ରଦାନ କରିବା ପରେ ପିଲାମାନେ ଅନଶନରୁ ଉଠିଥିଲେ। ଅଫ୍‌ଲାଇନ ବଦଳରେ ଅନଲାଇନରେ କରିବା ଲାଗି ଛାତ୍ରୀଛାତ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟି ଜଣାଇବା ପରେ ସେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନିଷ୍ପତ୍ତି ନେବା ପାଇଁ କହିଥିଲେ। ଅଧ୍ୟକ୍ଷ ପ୍ରଥମେ ରାଜି ନ ହେବାରୁ ଛାତ୍ରୀଛାତ୍ରମାନେ ଗୁରୁବାର ଧାରଣାରେ ବସିବାକୁ ନିଷ୍ପତ୍ତି ନେଇଥିଲେ।



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

